# ରାଉରକେଲା ମହାନଗର ନିଗମ, ରାଉରକେଲା

ସଂଖ୍ୟା ନଂ-16320---ତା--12/12/2022

ଏତଦ୍ୱାରା ରାଉରକେଲା ମହାନଗର ନିଗମ ଅଧିନରେ ଛେଣ୍ଡ କଲୋନୀ BSNL Road Side Near Central Park ନିକଟରେ ନୂତନ ଭାବେ ନିର୍ମାଣ କରାଯାଇଥିବା ଭୋଜନ ପରିସର (Food Court) ରେ ଥିବା ୧୬ ଗୋଟି ଦୋକାନ ଗୃହ ଏବଂ ୦୨ ଗୋଟି Resturant କୁ ଲାଇସେନ୍ସ ସୂତ୍ରରେ ଆବଂଟନ କରିବା ପାଇଁ ସର୍ବସାଧରଣଙ୍କ ଠାରୁ ସର୍ବୋଚ ଅମାନତ ଜମା (Security Deposit) ଗ୍ରହଣ ନିମନ୍ତେ ବନ୍ଦ ଲଫାପା ଡ଼ାକମୂଲ୍ୟ ଆହ୍ୱାନ କରାଯାଉଅଛି। ଦୋକାନ ଗୃହର ଅବସ୍ଥିତି ମାପ ଓ ଅମାନତ ଜମା ରାଶି ,ଧାର୍ଯ୍ୟମୂଲ୍ୟ ନିମ୍ନ ଭାବେ ଉଲ୍ଲେଖ କରାଗଲା।

| କ୍ର :ନଂ | ବ୍ୟବସାୟ ପ୍ରକାର | ଦୋକାନ ନଂ | ଦୋକାନ ଗୃହର ଆୟତନ ସଂଖ୍ୟା | ଧାର୍ଯ୍ୟମୂଲ୍ୟ ରାଶି | ଅମାନତ ରାଶି | ମାସିକ ଲାଇସେନ୍ସ ଫିସ୍ |
|---|---|---|---|---|---|---|
| 1. | Fast Food (Non-Veg) | 1 | 13.0 x 10.83 | 6,00,047/- | 60,005/- | 7.00 per sq.ft |
| 2. | Momo & Spring Roll, | 2 | 13.0 x 10.83 | 6,00,047/- | 60,005/- | 7.00 per sq.ft |
| 3. | Kabab & Shawarma Roll | 3 | 13.0 x 10.83 | 6,00,047/- | 60,005/- | 7.00 per sq.ft |
| 4 | Biriyani (Veg/ Non-Veg) | 4 | 13.0 x 10.83 | 6,00,047/- | 60,005/- | 7.00 per sq.ft |
| 5. | Fast Food (Veg) | 5 | 13.0 x 10.83 | 6,00,047/- | 60,005/- | 7.00 per sq.ft |
| 6. | Ice cream & Breverages | 6 | 13.0 x 10.83 | 6,00,047/- | 60,005/- | 7.00 per sq.ft |
| 7. | Juice/Shake,Lassi, Fruit Chat | 7 | 13.0 x 10.83 | 6,00,047/- | 60,005/- | 7.00 per sq.ft |
| 8. | Gupchup, Chat (Papdi, Dahi Bhalla) | 8 | 13.0 x 10.83 | 6,00,047/- | 60,005/- | 7.00 per sq.ft |
| 9. | Dahibara Aloo Dum | 9 | 13.0 x 10.83 | 6,00,047/- | 60,005/- | 7.00 per sq.ft |
| 10. | Tea, Coffee (Tandoor/Kulhad) | 10 | 13.0 x 10.83 | 6,00,047/- | 60,005/- | 7.00 per sq.ft |
| 11 | South Indian Tiffin | 11 | 13.0 x 10.83 | 6,00,047/- | 60,005/- | 7.00 per sq.ft |
| 12 | Bakery and Confectionary | 12 | 13.0 x 10.83 | 6,00,047/- | 60,005/- | 7.00 per sq.ft |
| 13 | Fast food (Non-Veg) | 13 | 13.0 x 10.83 | 6,00,047/- | 60,005/- | 7.00 per sq.ft |
| 14 | Sandwich, Pav Bhaji, Dabeli | 14 | 13.0 x 10.83 | 6,00,047/- | 60,005/- | 7.00 per sq.ft |
| 15 | Paratha, Chhole Bhature | 15 | 13.0 x 10.83" | 6,00,047/- | 60,005/- | 7.00 per sq.ft |
| 16 | Biriyani (Veg/Non-Veg) | 16 | 13.0 x 10.83" | 6,00,047/- | 60,005/- | 7.00 per sq.ft |
| 17 | Resurant | 17 | 27.5x11.92 (-) 9.83 x 2.0 | 13,42,875/- | 1,34,288/- | 7.00 per sq.ft |
| 18 | Resturant | 18 | 27.5x11.92 (-) 9.83 x 2.0 | 13,42,875/- | 1,34,288/- | 7.00 per sq.ft |

**ସର୍ତ୍ତାବଳୀ:-**

୧ ଇଚ୍ଛୁକ ଆବେଦନକାରୀ ତାଙ୍କର ନିଜସ୍ୱ ଡ଼ାକମୂଲ୍ୟ (ଧାର୍ଯ୍ୟ ହୋଇଥିବା ରାଶି ଠାରୁ ଅଧିକ) ସାଧାକାଗଜରେ ଉଲ୍ଲେଖ କରି ବନ୍ଦ ଲଫାପା ରେ Room No.38, Rourkela Municipal Corporation, Uditnagar, Rourkela, PIN- 769012 ଠିକଣା ରେ Speed Post/Registered Post ମାଧ୍ୟମରେ ପଠାଇ ପାରିବେ। **ସମସ୍ତ ଆବେଦନ ପତ୍ର ତା-26/12/2022---ରିଖ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ପହଂଚିବା ଆବଶ୍ୟକ।** ଡ଼ାକ ସମ୍ବନ୍ଧୀୟ ବିଳମ୍ବ ପାଇଁ ରାଉରକେଲା ମହାନଗର ନିଗମ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

୨. ଆବେଦନକାରୀ ସ୍ପଷ୍ଟ ଭାବରେ " Chhend Food Court, Shop No.----" ଲଫାପା ଉପରେ ଉଲ୍ଲେଖ କରିବା ଆବଶ୍ୟକ

୩. ଧାର୍ଯ୍ୟ ମୂଲ୍ୟ ର ୧୦% ଆବେଦନ, ଦରଖାସ୍ତ ସହ ରାଉରକେଲା ସ୍ଥିତ କୌଣସି ଜାତୀୟ କରଣ ବ୍ୟାଙ୍କର ଡ୍ରାଫ୍ଟ / ବ୍ୟାଙ୍କର୍ ଚେକ୍ ମ୍ୟୁନିସିପାଲ୍ କମିଶନର, ରାଉରକେଲା ମହାନଗର ନିଗମ (Municipal Commissioner, Rourkela Municipal Corporation) ଙ୍କ ନାମରେ ଉଠାଣ ହୋଇଥିବା ଉଚିତ୍। ଉକ୍ତ ପ୍ରାଥମିକ ଜମାରାଶିର ବ୍ୟାଙ୍କର୍ ଚେକ୍ / ଡ୍ରାଫ୍ଟ ସଂଲଗ୍ନ ହୋଇନଥିବା ଡ଼ାକ ମୂଲ୍ୟ ଆବେଦନକୁ ବିଚାରକୁ ନିଆଯିବ ନାହିଁ। ଆବେଦନକାରୀ ନିଜର ଫଟୋ ପରିଚୟ ପତ୍ର (ଆଧାର କାର୍ଡ଼/ଭୋଟର କାର୍ଡ଼) ସଂଲଗ୍ନ କରିବା ଆବଶ୍ୟକ।

୪. ଜଣେ ବ୍ୟକ୍ତି ଏକାଧିକ ଦୋକାନ ପାଇଁ ଆବେଦନ କରିପାରିବେ ନାହିଁ । ପରିବାରର ଅନ୍ୟ କୌଣସି ବ୍ୟକ୍ତିଙ୍କ ନାମରେ ମଧ୍ୟ ଅନ୍ୟ ଏକ ଦୋକାନ ପାଇଁ ଆବେଦନ କରିପାରିବେ ନାହିଁ।

୫. ସମସ୍ତ ଡ଼ାକମୂଲ୍ୟ ଆବଦେନ ବନ୍ଦ ଲଫାପା ଗୁଡ଼ିକ ତା 27/12/2022 ପୂର୍ବାହ୍ନ ୧୦.୩୦ ଘଟିକା ରେ ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟରେ ଆବେଦନ କାରୀ/ପ୍ରତିନିଧି ଙ୍କ ସମ୍ମୁଖରେ ଖୋଲାଯାଇ ସର୍ବାଧିକ ଡ଼ାକମୂଲ୍ୟ ଆବେଦନକାରୀଙ୍କ ସପକ୍ଷରେ ସଂପୃକ୍ତ ଦୋକାନ ଗୃହକୁ ଆବଣ୍ଟନ କରାଯିବ। ସଂପୃକ୍ତ ଆବେଦନ କାରୀଙ୍କୁ ବଳକା ଡ଼ାକ ମୂଲ୍ୟ ଅମାନତ ଜମା ବାବଦ ସଂପୂର୍ଣ୍ଣ ରାଶି **ଏକ କାଳୀନ ୭ ଦିନ ସମୟ** ମଧ୍ୟରେ ପଇଠ କରିବାକୁ ହେବ। ଅନ୍ୟଥା ୨ୟ ସର୍ବାଧିକ ଡ଼ାକ ମୂଲ୍ୟ ଆବେଦନକାରୀଙ୍କ ସପକ୍ଷରେ ସର୍ବାଧିକ ଡ଼ାକମୂଲ୍ୟ ଦରରେ ଆବଣ୍ଟନ ସିଦ୍ଧ କରାଯିବ ଏବଂ ମୂଳ /ପ୍ରଥମ ସର୍ବାଧିକ ଆବେଦନକାରୀଙ୍କ ଅମାନତ ରାଶି କୁ ବ୍ୟାଜ୍ୟାପ୍ତି କରାଯିବ।

୬. ଅସଫଳ ଡ଼ାକମୂଲ୍ୟ ଆବେଦନକାରୀଙ୍କ ଆବେଦନ ରାଶିର ଚେକ୍ ଆବଂଟନ ପ୍ରକ୍ରୀୟା ଚୂଡ଼ାନ୍ତ ପରେ ଫେରସ୍ତ କରାଯିବ।

୭. ଆବଣ୍ଟନକାରୀ ଫୁଡ୍ କୋର୍ଟ ଦୋକାନ ଗୃହର ବିଦ୍ୟୁତ୍ ସଂଯୋଗ ଖର୍ଚ୍ଚ ଓ ମାସିକ ଦେୟ ନିଜସ୍ୱ ରୂପେ ବହନ କରିବେ ଓ ଆବଣ୍ଟିତ ପରିସରର structure ପରିବର୍ତନ ବା କୌଣସି ପୁନଃନିର୍ମାଣ କରି ପାରିବେ ନାହିଁ।

୮. ମାସିକ ଲାଇସେନ୍ସ ଫିସ୍ କେବଳ ମାର୍କେଟ ଦର ଜାଣିବା ପାଇଁ ଉଦ୍ଦିଷ୍ଟ ଅଟେ। ମାସିକ ଲାଇସେନ୍ସ ଫିସ୍ ବିଭିନ୍ନ ସମୟରେ ମାର୍କେଟ ଦରକୁ ନେଇ ମହାନଗର ନିଗମ ପରିଷଦ ସ୍ଥିରିକୃତ କରିବେ ଏବଂ ଏହା ଦୋକାନ ଗ୍ରହୀତାଙ୍କୁ ଦେବା ବାଧ୍ୟତାମୂଳକ ଅଟେ।

୯. ଭୋଜନ ପରିସରରେ ଦୋକାନ ପରିଚାଳିତ କରିବା ପୂର୍ବରୁ ଦୋକାନ ଗ୍ରହୀତା ମାନଙ୍କୁ ଫୁଡ୍ ଲାଇସେନ୍ସ, ଟ୍ରେଡ୍ ଲାଇସେନ୍ସ, ମେଡ଼ିକାଲ ଫିଟ୍‌ନେସ୍ ସାର୍ଟିଫିକେଟ ଉପଯୁକ୍ତ କର୍ତ୍ତୃପକ୍ଷ ଙ୍କ ଠାରୁ ଗ୍ରହଣ କରିବାକୁ ହେବ।

୧୦. ଉକ୍ତ ଆବଣ୍ଟନ ପ୍ରକ୍ରୀୟାରେ ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ନିଷ୍ପତି ଚୂଡ଼ାନ୍ତ ଅଟେ। ମହାନଗର ନିଗମ କର୍ତ୍ତୃପକ୍ଷ କୋଣସି କାରଣ ନ ଦର୍ଶାଇ ଯେ କୌଣସି ଆବେଦନ କିମ୍ବା ସମ୍ପୂର୍ଣ୍ଣ ଆବଣ୍ଟନ ପ୍ରକ୍ରୀୟାକୁ ରଦ୍ଦ କରିପାରିବେ।

୧୧. ଏହି ବିଜ୍ଞାପନ ସମ୍ବନ୍ଧୀୟ ଅନ୍ୟ କୌଣସି ତଥ୍ୟ କିମ୍ବା ସ୍ପଷ୍ଟୀକରଣ ପାଇଁ ମହାନଗର ନିଗମ ର ଦୋକାନ ବିଭାଗ ( ରୁମ୍ ନଂ ୩୮) ଅଥବା ୮୪୫୫୯୭୧୯୭୦ ମୋବାଇଲ୍ ନମ୍ବରରେ ସମସ୍ତ କାର୍ଯ୍ୟ ଦିବସରେ ଦିନ ୧୦.୩୦ ରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଯୋଗାଯୋଗ କରି ପାରିବେ।

ଆୟୁକ୍ତ
ରାଉରକେଲା ମହାନଗର ନିଗମ

**ଜ୍ଞାପକ ସଂଖ୍ୟା** 16321 ତା 12/12/2022

ଏହାର ଏକକିତା ନକଲ ନିର୍ଦ୍ଦେଶକ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା, ଭୁବନେଶ୍ୱରଙ୍କୁ ଏକ ବହୁଳ ପ୍ରସାରିତ ଦୈନିକ ଓଡ଼ିଆ ଖବର କାଗଜରେ(ସମସ୍ତ ସଂସ୍କରଣ) ତା 13/12/2022 ରିଖ ପ୍ରକାଶନ ପାଇଁ ଅନୁରୋଧ କରାଗଲା। Font size 8 point ରହିବା ଆବଶ୍ୟକ ଏବଂ ଏହାର ମୂଲ୍ୟ ବିଭାଗର ନିର୍ଦ୍ଧାରୀତ ମୂଲ୍ୟରେ ହେବା ଉଚିତ୍

ଏହାର ଏକକିତା ନକଲ MIS Programmer, www.rmc.nic.in **ରେ ପ୍ରକାଶନ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରାଗଲା।**

ଆୟୁକ୍ତ
ରାଉରକେଲା ମହାନଗର ନିଗମ